# Official Spokesperson's response to media queries regarding the situation in Afghanistan

August 16, 2021

## ଆଫଗାନିସ୍ତାନର ପରିସ୍ଥିତିକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅଗଷ୍ଟ 16, 2021**

**ଆଫଗାନିସ୍ତାନର ପରିସ୍ଥିତିକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ୍ ବାଗଚି କହିଛନ୍ତି:**

"ଗତ କିଛି ଦିନ ହେବ କାବୁଲର ସୁରକ୍ଷା ପରିସ୍ଥିତି ବହୁତ ଖରାପ ହୋଇଯାଇଛି। ଆମେ କଥା ହେବା ସମୟରେ ଏହା ଦ୍ରୁତ ଗତିରେ ବଦଳୁଛି।

2. ଆଫଗାନିସ୍ତାନର ସମସ୍ତ ଘଟଣାକ୍ରମ ଉପରେ ଭାରତ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ଆମେ ଭାରତୀୟ ନାଗରିକଙ୍କୁ ତୁରନ୍ତ ଭାରତକୁ ଫେରିବା ପାଇଁ ଆହ୍ୱାନ ଦେବା ସହିତ ସେଠାରେ ସେମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ପର୍ଯ୍ୟାୟକ୍ରମେ ପରାମର୍ଶ ଦେଉଛୁ। ଆମେ ଜରୁରୀକାଳୀନ ଯୋଗାଯୋଗ ନମ୍ବର ପ୍ରଦାନ କରିବା ସହିତ ଭାରତୀୟ ସମୁଦାୟର ସଦସ୍ୟମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରୁଥିଲୁ।  ଆମେ ଜାଣୁ ଯେ ଆଫଗାନିସ୍ତାନରେ କିଛି ଭାରତୀୟ ନାଗରିକ ଅଛନ୍ତି ଯେଉଁମାନେ ଭାରତକୁ ଫେରିବାକୁ ଇଚ୍ଛା କରନ୍ତି ଏବଂ ଆମେ ସେମାନଙ୍କ ସହ ଯୋଗାଯୋଗରେ ଅଛୁ।

3. ଆଫଗାନିସ୍ତାନ ଶିଖ ଏବଂ ହିନ୍ଦୁ ସମୁଦାୟର ପ୍ରତିନିଧୀଙ୍କ ସହ ଆମେ ନିରନ୍ତର ଯୋଗାଯୋଗରେ ଅଛୁ। ଯେଉଁମାନେ ଆଫଗାନିସ୍ତାନ ଛାଡିବାକୁ ଚାହୁଁଛନ୍ତି ସେମାନଙ୍କ ଭାରତକୁ ପ୍ରତ୍ୟାବର୍ତ୍ତନକୁ ଆମେ ସୁବିଧାଜନକ କରିବୁ। ଆହୁରି ମଧ୍ୟ ଅନେକ ଆଫଗାନିସ୍ତାନର ନାଗରିକ ଅଛନ୍ତି ଯେଉଁମାନେ ଆମର ପାରସ୍ପରିକ ବିକାଶ, ଶିକ୍ଷାଗତ ତଥା ଲୋକମାନଙ୍କ ଉଦ୍ୟମକୁ ପ୍ରୋତ୍ସାହିତ କରିବାରେ ଆମର ସହଭାଗୀ ହୋଇଛନ୍ତି।  ଆମେ ସେମାନଙ୍କ ସହିତ ଛିଡ଼ା ହେବୁ।

4. କାବୁଲ ବିମାନବନ୍ଦରରୁ ବ୍ୟବସାୟିକ ଚଳାଚଳ ଆଜି ସ୍ଥଗିତ ରଖାଯାଇଛି।  ଏହା ପ୍ରତ୍ୟାବର୍ତ୍ତନ ପାଇଁ ଆମର ପ୍ରୟାସରେ ବିରାମ ଲଗାଇଛି। ଏହି ପ୍ରକ୍ରିୟା ପୁନଃ ଆରମ୍ଭ କରିବା ପାଇଁ ଆମେ ବିମାନ ଚଳାଚଳ ପୁନଃ ଆରମ୍ଭ ହେବାକୁ ଅପେକ୍ଷା କରିଛୁ।

5. ଉଚ୍ଚ ସ୍ତରରେ ଲଗାତାର ଆଫଗାନିସ୍ତାନର ପରିସ୍ଥିତି ଉପରେ ନଜର ରଖାଯାଉଛି। ଭାରତୀୟ ନାଗରିକଙ୍କ ନିରାପତ୍ତା ଏବଂ ସୁରକ୍ଷା ତଥା ଆଫଗାନିସ୍ତାନରେ ଆମର ସ୍ୱାର୍ଥ ରକ୍ଷା ସୁନିଶ୍ଚିତ କରିବାକୁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ।"

**ନୂଆଦିଲ୍ଲୀ**

**ଅଗଷ୍ଟ 16, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.